# ଓଡିଶା ପୋଲିସ
# ସିଲେକ୍‌ସନ ବୋର୍ଡ, ମୋଟର ପରିବହନ ସଂସ୍ଥା, କଟକ
# ମୋଟର ଗାଡି ଚାଳକ (DRIVER) ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ

--------

ଓଡିଶା ପୋଲିସ ମୋଟର ପରିବହନ ସଂସ୍ଥାର **୨୩୧ (ଦୁଇଶହ ଏକତିରିଶ)** ଗୋଟି ମୋଟର ଚାଳକ (Driver) ପଦବୀ ପୂରଣ ନିମନ୍ତେ ଅନ୍‌ଲାଇନ୍ (online) ଜରିଆରେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥି ପାଇଁ ୩ ଗୋଟି ସିଲେକ୍‌ସନ ବୋର୍ଡ (Selection Board) ପ୍ରତିଷ୍ଠା କରାଯାଇଅଛି, ଯଥା:

(୧) ଜୋନାଲ ସିଲେକସନ ବୋର୍ଡ(Zonal Selection Board),ଚେୟାରମ୍ୟାନ, ଉପ-ଆରକ୍ଷୀ ମହାନିରୀକ୍ଷକ,South Western Range(SWR),କୋରାପୁଟ।

(୨) ଜୋନାଲ ସିଲେକସନ ବୋର୍ଡ(Zonal Selection Board),ଚେୟାରମ୍ୟାନ, ଉପ ଆରକ୍ଷୀ ମହାନିରୀକ୍ଷକ,Northern Range(NR),ସମ୍ବଲପୁର।

(୩)କେନ୍ଦ୍ରୀୟ ସିଲେକସନ ବୋର୍ଡ,(Central Selection Board),ଚେୟାରମ୍ୟାନ, ଆରକ୍ଷୀ ମହାନିରୀକ୍ଷକ(ପ୍ରୋଭିଜନିଂ),କଟକ, କ୍ୟାମ୍ପ ଅଫିସ P.M.T., Odisha, Cuttack.

ଇଚ୍ଛୁକ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଉପରୋକ୍ତ ଯେକୌଣସି ଏକ କେନ୍ଦ୍ରରେ ନିଜ ନିଜର ପସନ୍ଦ ଅନୁଯାୟୀ ଯେଉଁଠାରେ ପରୀକ୍ଷା ଦେବାକୁ ଇଚ୍ଛୁକ ସେହି ଠିକଣାରେଆବେଦନ କରିପାରିବେ । ଅନ୍‌ଲାଇନ୍ (online) ଦରଖାସ୍ତ **ତା:୨୮.୦୩.୨୦୨୦** ରିଖ ମଧ୍ୟରେ ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ପ୍ରାର୍ଥୀମାନଙ୍କୁ ଅବଗତ କରାଯାଉଅଛି କି, ପ୍ରାର୍ଥୀମାନେ ଯେଉଁଠାରେ Physical Efficiency Test ଦେଇଥିବେ ସେହି ସ୍ଥାନରେ ଲିଖିତ ପରୀକ୍ଷା ଏବଂ ଗାଡି ଚାଳନା ପରୀକ୍ଷାରେ ଭାଗ ନେବେ ।

(୧) ପ୍ରାର୍ଥୀ ମାନଙ୍କୁ ସତର୍କ କରାଇ ଦିଆଯାଉଅଛି କି, ମୋଟର ଚାଳକ ପଦବୀ ନିମନ୍ତେ ଏକରୁ ଅଧିକ ଦରଖାସ୍ତ ଦାଖଲ କରିପାରିବେ ନାହିଁ, ପ୍ରାର୍ଥୀମାନଙ୍କୁ ଅବଗତ କରାଇ ଦିଆଯାଉଅଛି କି, ଦିଆଯାଇଥିବା ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ସେମାନେ ସେମାନଙ୍କର ଇଚ୍ଛା ଅନୁସାରେ ଯେକୌଣସି ଗୋଟିଏ ପରୀକ୍ଷା କେନ୍ଦ୍ରରେ ଯେଉଁଠାରେ ପରୀକ୍ଷା ଦେବାକୁ ଇଚ୍ଛୁକ ସେଇ ଠିକଣା ଉଲ୍ଲେଖ କରିବେ ।

ବିଭିନ୍ନ ବର୍ଗ ଯଥା: ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ଅଣସଂରକ୍ଷିତ ବର୍ଗ ମାନଙ୍କ ପାଇଁ ସଂରକ୍ଷଣ ନିୟମ ଓ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି ।

| ଅଣସଂରକ୍ଷିତ (UR) | ଅନୁସୂଚିତ ଜାତି (SC) | ଅନୁସୂଚିତ ଉପଜାତି (ST) | ସମୁଦାୟ ପଦବୀ |
|---|---|---|---|
| ୬୬ | ୨୬ | ୧୩୬ | ୨୩୧ |

ଏତଦ୍‌ବ୍ୟତୀତ ଅବସରପ୍ରାପ୍ତ ସାମରିକ କର୍ମଚାରୀ / କ୍ରୀଡାବିତ୍ / ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗ୍ରୁପ - **"ଡି"** କର୍ମଚାରୀ / ଗୃହରକ୍ଷୀ ପ୍ରାର୍ଥୀମାନଙ୍କ ନିମନ୍ତେ ସଂରକ୍ଷଣ ନିୟମ ଓ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି ।

| | | |
|---|---|---|
| **ଦରଖାସ୍ତ ଆବେଦନ କରିବାର ମୂଳ ତାରିଖ** | **:** | **ତା: ୦୬.୦୩.୨୦୨୦** |
| **ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ** | **:** | **ତା: ୨୮.୦୩.୨୦୨୦** |

## (୨) ଶାରୀରିକ ମାପ / ଦକ୍ଷତା ପରୀକ୍ଷା ନିମନ୍ତେ ନିଯୁକ୍ତି ପରୀକ୍ଷା କେନ୍ଦ୍ର :

| **କ୍ର. ସ.** | **ଜୋନାଲ/ କେନ୍ଦ୍ରୀୟ ସିଲେକସନ ବୋର୍ଡ (Zonal /Central Selection Board)** | **ନିଯୁକ୍ତି ପରୀକ୍ଷା କେନ୍ଦ୍ର** |
|---|---|---|
| ୧. | ଚେୟାରମ୍ୟାନ, ଉପଆରକ୍ଷୀ ମହାନିରୀକ୍ଷକ, SWR, କୋରାପୁଟ | OSAP ୩ୟ ବାଟାଲିୟନ,କୋରାପୁଟ |
| ୨. | ଚେୟାରମ୍ୟାନ, ଉପଆରକ୍ଷୀ ମହାନିରୀକ୍ଷକ,ଉତ୍ତରାଞ୍ଚଳ, (NR), ସମ୍ବଲପୁର | Reserve Police Ground, Sambalpur |
| ୩. | ଚେୟାରମ୍ୟାନ, ଆରକ୍ଷୀ ମହାନିରୀକ୍ଷକ (ପ୍ରୋଭିଜନିଂ), କ୍ୟାମ୍ପ ଅଫିସ୍, P.M.T. Hdqrs., Buxi Bazar, Cuttack | O.S.A.P. 6th Battalion Ground, OMP Square, Cuttack |

**ବି.ଦ୍ର.: ଉପରୋକ୍ତ ପରୀକ୍ଷା କେନ୍ଦ୍ର ଆବଶ୍ୟକସ୍ଥଳେ ପରିବର୍ତ୍ତନ କରାଯାଇପାରେ ।**

ପ୍ରାର୍ଥୀମାନେ ଶାରୀରିକ ମାପ / ଦକ୍ଷତା ପରୀକ୍ଷା ନିମନ୍ତେ **ତା:୩୦.୦୩.୨୦୨୦** ରିଖ ସକାଳ **୭ଟା (ସାତ ଘଟିକା)** ସମୟରେ ଉପରୋକ୍ତ ନିଯୁକ୍ତି ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବେ । ଏହି ପରୀକ୍ଷା ଅଧିକ ଦିନ ଲାଗିପାରେ, ଏଥି ପାଇଁ ପ୍ରାର୍ଥୀମାନେ ରହିବା ପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ ।

ପ୍ରାର୍ଥୀ ପରୀକ୍ଷାର ଯେ କୌଣସି ସମୟରେ ଅକୃତ କାର୍ଯ୍ୟ ହେଲେ କିମ୍ବା ଅନୁପସ୍ଥିତ ରହିଲେ ପରବର୍ତ୍ତୀ ପର୍ଯ୍ୟାୟକୁ ଯୋଗ୍ୟ ବିବେଚିତ ହେବେ ନାହିଁ ।

## (୩) ଚାକାରୀରେନିଯୁକ୍ତି ସମ୍ପର୍କୀୟ ସର୍ତ୍ତାବଳୀ :

ଏହି ନିଯୁକ୍ତି ଚାକିରୀ ପ୍ରାରମ୍ଭରୁ ଚୁକ୍ତିଭିତ୍ତିକ ଅଟେ ଯାହା ଓଡିଶା ସରକାରଙ୍କ ଗ୍ରୁପ୍-ସି ଏବଂ ଗ୍ରୁପ-ଡି ଚୁକ୍ତି ଭିତ୍ତିକ ନିଯୁକ୍ତି ନିୟମ,୨୦୧୩ ଏବଂ ସାଧାରଣ ପ୍ରଶାସନ ବିଜ୍ଞପ୍ତି No.GAD-SC-Rules-0009-2013-32010/gen, dated 12.11.2013 ଅନୁସାରେ ପରିଚାଳିତ ।

## (୪) ପରୀକ୍ଷା ଫିସ୍ :

ମୋଟର ଗାଡି ଚାଳକ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ ନିମନ୍ତେ କେବଳ ଅଣସଂରକ୍ଷିତ(UR) ବର୍ଗର ପ୍ରାର୍ଥୀମାନେ ପରୀକ୍ଷା ଫିସ୍ ବାବଦରେ ଟ.୧୫୦.୦୦ (ଏକଶହ ପଚାଶ ଟଙ୍କା)online ମାଧ୍ୟମରେ ପୈଠ କରିବେ । ଆବେଦନକାରୀ କମ୍ପୁଟର ସିଷ୍ଟମରେ ଲଗଇନ୍ କରି ପେମେଣ୍ଟ ପ୍ରଣାଳୀ ଅନୁସାରେ ପୈଠ କରିବେ । ଆବେଦନକାରୀ ଅନ୍‌ଲାଇନ ମୋଡ ଜରିଆରେ ଦେୟ ପୈଠ କରିବେ । ଆବେଦନକାରୀ ଏସ୍.ବି.ଆଇ. ନେଟ୍ ବ୍ୟାଙ୍କିଙ୍ଗ, କ୍ରେଡିଟ କାର୍ଡ କିମ୍ବା ଡେବିଟ୍ କାର୍ଡ ମାଧ୍ୟମରେ ଅନଲାଇନ୍ ଦେୟ କରିବେ । ଫିସ୍ ପୈଠ ହୋଇସାରିବା ପରେ କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ ।

## (୫) ନାମ ପଞ୍ଜିକରଣ :

ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ପ୍ରାର୍ଥୀ ରାଜ୍ୟର ଯେକୌଣସି ସରକାରୀ କର୍ମଯୋଗାଣ ସଂସ୍ଥାରେ ନିଜ ନାମ ପଞ୍ଜିକରଣ କରିଥିବା ଆବଶ୍ୟକ । ପ୍ରାର୍ଥୀ ଏକାଧୀକ କର୍ମଯୋଗାଣ କେନ୍ଦ୍ରରେ ନାମ ପଞ୍ଜିକରଣ କରି ନ ଥିବେ ।

## (୬) ବୟସ ସୀମା :

ପ୍ରାର୍ଥୀଙ୍କର ବୟସ ତା:୦୧.୦୧.୨୦୨୦ ରିଖ ସୁଦ୍ଧା ୧୮ ବର୍ଷରୁ କମ୍ କିମ୍ବା ୨୩ ବର୍ଷରୁ ଅଧିକ ହୋଇ ନ ଥିବ। ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ । ଅବସରପ୍ରାପ୍ତ ସାମରିକ କର୍ମଚାରୀ ମାନଙ୍କର ସର୍ବୋଚ୍ଚ ବୟସ ସୀମା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ନିୟମାନୁସାରେ କୋହଳ କରାଯିବ । ଗୃହରକ୍ଷୀ ଓ ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟ କରୁଥିବା ଗ୍ରୁପ - **"ଡି"** କର୍ମଚାରୀଙ୍କର ବୟସ ତା: ୦୧.୦୧.୨୦୨୦ ରିଖ ସୁଦ୍ଧା ଯଥା କ୍ରମେ ୨୮ ବର୍ଷ ଏବଂ ୪୩ ବର୍ଷରୁ ଅଧିକ ହୋଇନଥିବ । ପ୍ରାର୍ଥୀ ଉପରୋକ୍ତ ସୁବିଧା ଗୁଡିକ ମଧ୍ୟରୁ କେବଳ ଗୋଟିଏ ସୁବିଧା ପାଇବେ ।

**(୭) ଶିକ୍ଷାଗତ ଯୋଗ୍ୟତା :**

(କ) ପ୍ରାର୍ଥୀ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ କିମ୍ବା ଅନ୍ୟ କୌଣସି ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଏକ ବିଷୟ ରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଓଡିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଭାଷା କହିପାରୁଥିବେ, ପଢି ପାରୁଥିବେ ଓ ଲେଖି ପାରୁଥିବେ ।

(ଖ) **ଗାଡି ଚାଳନା ଯୋଗ୍ୟତା:** ହାଲୁକା / ଭାରିଯାନ ଚଳାଇବାର ପେଶାଦାର ଗାଡି ଚାଳନା ବୈଧଲାଇସେନ୍ସ ଥିବା ଦରକାର ।

**Light Motor Vehicle - ହାଲୁକା ଯାନ**

**Heavy Motor Vehicle - ଭାରି ଯାନ**

**(୮)ଅନ୍ୟାନ୍ୟ ଯୋଗ୍ୟତା :**

(କ) ପ୍ରାର୍ଥୀ ଉତ୍ତମ ଚରିତ୍ରର ଅଧିକାରୀ ହୋଇଥିବେ ।

(ଖ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତ୍ନୀ ନ ଥିବେ ।

(ଗ)ସେ ସ୍ୱାସ୍ଥ୍ୟବାନ ହୋଇଥିବେ ଓ ଶାରୀରିକ ରୂପେ ଅକ୍ଷମ ବା ଭିନ୍ନକ୍ଷମ ହୋଇ ନ ଥିବେ ।

(ଘ)ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତଗ୍ରୁପ - **"ଡି"** କର୍ମଚାରୀ ଅତିକମ୍ରେ ନିରବଛିନ ଭାବରେ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବେ । ତାଙ୍କର କାର୍ଯ୍ୟକାଳରେ ସେ କୌଣସି ଗୁରୁତର ବିଭାଗୀୟ ଦଣ୍ଡ ଭୋଗି ନ ଥିବେ ଓ ଉତ୍ତମ ସେବାର ଅଧିକାରୀ ହୋଇଥିବେ ।

(ଙ) ବିଭିନ୍ନ ରଙ୍ଗ ଚିହ୍ନିବାରେ ଦୃଷ୍ଟି ଶକ୍ତି ଭଲ ଭାବରେ ଥିବ ।

(ଚ) ଗୃହରକ୍ଷୀମାନେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ଦିନ ସୁଦ୍ଧା ନିରବଛିନ ଭାବେ ଗୃହରକ୍ଷୀ ଭାବେ ଅତିକମ୍ରେ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବେ ଏବଂ ଗୃହରକ୍ଷୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ମୌଳିକ ତାଲିମ ସମ୍ପୂର୍ଣ୍ଣ କରିଥିବେ ।

**ବି:ଦ୍ର:** ମୋଟର ଗାଡି ଚାଳକ **(Driver)** ନିଯୁକ୍ତି ପରୀକ୍ଷା ସମୟରେ ପ୍ରାର୍ଥୀ ତାଙ୍କ ଯୋଗ୍ୟତା ସମ୍ବନ୍ଧୀୟ ମୂଳ ପ୍ରମାଣ ପତ୍ର ଗୁଡିକର ଯାଞ୍ଚ ନିମନ୍ତେ ଦାଖଲ କରିବେ । ଯେଉଁ ପ୍ରାର୍ଥୀ ମୋଟର ଗାଡି ଚାଳକ **(Driver)** ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ ଓ ପରବର୍ତ୍ତୀ ନିଯୁକ୍ତି ପ୍ରକିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ । ଏତଦ୍ବ୍ୟତୀତ ନିଯୁକ୍ତି ପରୀକ୍ଷାର ଯେ କୌଣସି ପର୍ଯ୍ୟାୟରେ ପ୍ରବରଣ ମଣ୍ଡଳୀ **(Selection Board)**ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର ମୋଟର ଗାଡି ଚାଳକ **(Driver)** ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ ।

## (୯) ଶାରିରୀକ ମାପ :

(କ) ପ୍ରାର୍ଥୀଙ୍କର ସର୍ବନିମ୍ନ ଶାରିରୀକ ମାପ ନିମ୍ନପ୍ରକାର ହୋଇଥିବା ଆବଶ୍ୟକ ।

| କ୍ର.ସ. | ବର୍ଗ | ପୁରୁଷ | | | |
|---|---|---|---|---|---|
| | | ଉଚ୍ଚତା | ଓଜନ | ଛାତିମାପ | |
| | | | | ଅଣସଂପ୍ରାସାରିତ | ସଂପ୍ରାସାରିତ |
| ୧. | ଅସଂରକ୍ଷିତ ବର୍ଗ (UR) | ୧୬୮ ସେ.ମି. | ୫୫ କି.ଗ୍ରା. | ୭୯ ସେ.ମି. | ୮୪ ସେ.ମି. |
| ୨. | ଅନୁସୂଚିତ ଜାତି (SC) / ଅନୁସୂଚିତ ଉପଜାତି(ST) | ୧୬୩ ସେ.ମି. | ୫୦ କି.ଗ୍ରା. | ୭୬ ସେ.ମି. | ୮୧ ସେ.ମି. |

(ଖ) ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟ କରୁଥିବା ଗ୍ରୁପ - **"ଡି"**କର୍ମଚାରୀ ମାନଙ୍କର ଶାରିରୀକ ମାପ ସେମାନେ ଅନ୍ତର୍ଭୁକ୍ତ ବର୍ଗର ସର୍ବନିମ୍ନ ମାପଠାରୁ ଉଚ୍ଚତାରେ ୩ ସେ.ମି., ଓଜନରେ ୫ କି.ଗ୍ରା. ଓ ଛାତି ମାପରେ ୨ ସେ.ମି. ପର୍ଯ୍ୟନ୍ତ କୋହଳ କରାଯିବ ।

**ବି:ଦ୍ର:- ଶାରିରୀକ ଅକ୍ଷମ ବା ଭିନ୍ନକ୍ଷମ ବ୍ୟକ୍ତି ଓ ମହିଳାମାନେ ଉପରୋକ୍ତ ମୋଟର ଚାଳକ (Driver) ପଦବୀ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିପାରିବେ ନାହିଁ ।**

(ଗ) ଯେଉଁ କ୍ରୀଡାବିତ୍ ମାନେ ସ୍ତମ୍ଭ ୧୨ରେ ଦର୍ଶାଯାଇଥିବା କ୍ରୀଡା ବିଭାଗରେ ଓପନ ଜାତୀୟ ଚମ୍ପିୟାନସିପ୍ ଏବଂ ଆନ୍ତର୍ଜାତୀୟ କ୍ରୀଡାରେ ପ୍ରାର୍ଥୀଭାବେ ଭାଗନେଇଥିବେ ଏବଂ ତାହା ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ କିମ୍ବା ଭାରତୀୟ ଅଲମ୍ପିକ ସଂସ୍ଥା କିମ୍ବା ରାଜ୍ୟ କ୍ରୀଡା ସଂସ୍ଥା / ଜାତୀୟ କ୍ରୀଡା ସଂସ୍ଥା/ ଅନୁଷ୍ଠାନ ତରଫରୁ ଅନୁମୋଦିତ ହୋଇଥିବ ଏବଂ କ୍ରୀଡା ନିର୍ଦ୍ଦେଶାଳୟରୁ ଆବଶ୍ୟକ ପରିଚୟ ପତ୍ର ପାଇଥିବେ ସେମାନେ ଅନ୍ତର୍ଭୁକ୍ତ ବର୍ଗର ସର୍ବନିମ୍ନ ମାପଠାରୁ ଉଚ୍ଚତାରେ ୩ ସେ.ମି., ଛାତି ମାପରେ ୨ ସେ.ମି. ଓ ଓଜନରେ ୫ କି.ଗ୍ରା. ପର୍ଯ୍ୟନ୍ତ ନିୟମ ଅନୁଯାୟୀ କୋହଳ ପାଇବାର ବ୍ୟବସ୍ଥା ରହିଅଛି ।

## (୧୦) ଶାରିରୀକ ମାପ / ଶାରିରୀକ ଦକ୍ଷତା ପରୀକ୍ଷା / ଗାଡି ଚାଳନା ପରୀକ୍ଷା

ପ୍ରାର୍ଥୀ ମନୋନୟନ ନିମନ୍ତେ ଶାରିରୀକ ମାପ, ଶାରିରୀକ ଦକ୍ଷତା ପରୀକ୍ଷା, ଗାଡି ଚାଳନା ପରୀକ୍ଷା ଓ ଲିଖିତ ପରୀକ୍ଷା ଇତ୍ୟାଦି ଅନୁଷ୍ଠିତ ହେବ । ପ୍ରାର୍ଥୀ ସଂଖ୍ୟା ଅଧିକ ହେଲେ ଶାରିରୀକ ଦକ୍ଷତା ପରୀକ୍ଷା ଅଧିକ ଦିନ ଲାଗିପାରେ ସେଥିପାଇଁ ପ୍ରାର୍ଥୀମାନେ ଅଧିକ ଦିନ ରହିବା ପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ । ଶାରିରୀକ ଦକ୍ଷତା ପରୀକ୍ଷା ନିମନ୍ତେ ପ୍ରଯୁକ୍ତି ଜ୍ଞାନ କୌଶଳ (Technology) ପ୍ରୟୋଗ କରାଯାଇପାରେ । ନିଯୁକ୍ତି ପରୀକ୍ଷାର ଯେ କୌଣସି ପର୍ଯ୍ୟାୟରେ ଶାରିରୀକ ଅକ୍ଷମତାର ପରୀକ୍ଷା / ପୁନଃ ପରୀକ୍ଷା କରାଯାଇପାରେ ।

ଏତ୍‌ଦବ୍ୟତୀତ ଶାରିରୀକ ମାପ, ଶାରିରୀକ ଦକ୍ଷତା ପରୀକ୍ଷା ଓ ଗାଡି ଚାଳନା ପରୀକ୍ଷା ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ଭିନ୍ନ ଭିନ୍ନ ତାରିଖରେ କରାଯାଇପାରେ, ଏ ସମ୍ବନ୍ଧରେ ସମ୍ପୃକ୍ତ ଜୋନାଲ/କେନ୍ଦ୍ରୀୟ ସିଲେକ୍‌ସନ ବୋର୍ଡ (Zonal /Central Selection Board) ର ଚେୟାରମ୍ୟାନ ପ୍ରାର୍ଥୀ ମାନଙ୍କୁ ଆବଶ୍ୟକ ସୂଚନା ଦେବେ ।

ଶାରୀରିକ ମାପ, ଶାରୀରିକ ଦକ୍ଷତା ପରୀକ୍ଷା ଓ ଗାଡି ଚାଳନା ପରୀକ୍ଷାରେ କୃତକାର୍ଯ୍ୟ ନିମନ୍ତେ ପ୍ରାର୍ଥୀମାନଙ୍କୁ ନିମ୍ନ ଲିଖିତ ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ପଡିବ। ମାର୍କ ଆବଣ୍ଟନ ପ୍ରାର୍ଥୀମାନଙ୍କର ଭିନ୍ନ ଭିନ୍ନ ପରୀକ୍ଷାରେ ପ୍ରଦର୍ଶିତ ଦକ୍ଷତା ଉପରେ ନିମ୍ନ ସାରଣୀ ଅନୁସାରେ ପ୍ରଦତ୍ତ କରାଯିବ।

| **କ୍ର.ସ.** | **ପରିକ୍ଷାର ନାମ** | **ମାର୍କ** |
|---|---|---|
| ୧. | ଶାରିରୀକ ଦକ୍ଷତା ପରୀକ୍ଷା | ୩୫ |
| ୨. | ଶିକ୍ଷାଗତ କୃତିତ୍ୱ | ୦୫ |
| ୩. | କ୍ରିଡାଗତ କୃତିତ୍ୱ | ୧୫ |
| ୪. | ଏନ୍.ସି.ସି. | ୦୫ |
| ୫. | ଲିଖିତ ପରୀକ୍ଷା | ୨୦ |
| | **ସମୁଦାୟ** | ୮୦ |

**ବିସ୍ତୃତ ଚୟନ ପଦ୍ଧତି ଓ ମାର୍କ ବଣ୍ଟନର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।**

(କ) **ଶାରୀରିକ ଦକ୍ଷତା ପରୀକ୍ଷା-୩୫ ମାର୍କ**

| **କ୍ର.ସଂ** | **ପରୀକ୍ଷାର ନାମ** | | **ମାର୍କ** |
|---|---|---|---|
| ୧. | ଦୌଡ ୧.୬ କି.ମି. | ସର୍ବାଧିକ ୧୦ ମାର୍କ | |
| | ଦୌଡ ୧.୬ କି.ମି | ୫ ମିନିଟ୍ ଅବଧି ମଧ୍ୟରେ | ୧୦ ମାର୍କ |
| | | ୫.୩୦ ମିନିଟ୍ ଅବଧି ମଧ୍ୟରେ | ୦୭ ମାର୍କ |
| | | ୬.୦୦ ମିନିଟ୍ ଅବଧି ମଧ୍ୟରେ | ୦୪ ମାର୍କ |
| | | ୬.୦୦ ମିନିଟ୍ ଅବଧି ବାହାରେ | ଅଯୋଗ୍ୟ |
| ୨. | ଉଚ୍ଚ ଡିଆଁ (ତିନି ଥରରେ) | ସର୍ବାଧିକ ମାର୍କ-୧୦ | |
| | ଉଚ୍ଚ ଡିଆଁ (ତିନି ଥରରେ) | ତିନୋଟି ସୁଯୋଗରେ ସମ୍ପୂର୍ଣ୍ଣ କଲେ | -୦୫ ମାର୍କ |
| | | ତିନୋଟି ସୁଯୋଗରେ ସମ୍ପୂର୍ଣ୍ଣ କରି ନପାରିଲେ | -ଅଯୋଗ୍ୟ |

**ଦ୍ରଷ୍ଟବ୍ୟଃ** ଯେଉଁ ପ୍ରାର୍ଥୀ ୧.୨୨ ମିଟର ଉଚ୍ଚ ଡିଆଁ ଡେଇଁ ପାରିବେ ତାଙ୍କୁ ପରବର୍ତ୍ତୀ ଉଚ୍ଚ ଡିଆଁ ପାଇଁ ୧.୩୮ ମିଟର ଡେଇଁବାକୁ ଗୋଟିଏ ସୁଯୋଗ ଦିଆଯିବ। ଯେଉଁ ପ୍ରାର୍ଥୀ ୧.୩୮ ମିଟର ଉଚ୍ଚ ଡିଆଁ ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣ କରିବେ ତାକୁ ୧.୫୦ ମିଟର ଡେଇଁବାକୁ ପୁନଃ ଗୋଟିଏ ସୁଯୋଗ ଦିଆଯିବ। ସର୍ବୋଚ୍ଚ ଉଚ୍ଚ ଡିଆଁ ପାଇଁ ନିମ୍ନଲିଖିତ ମାର୍କ ଦିଆଯିବ।

(କ) ୧.୩୮ ମିଟର ଉଚ୍ଚ ଡିଆଁ ପାଇଁ- ୦୭ ମାର୍କ
(ଖ) ୧.୫୦ ମିଟର ଉଚ୍ଚ ଡିଆଁ ପାଇଁ- ୧୦ ମାର୍କ
ସର୍ବୋଚ୍ଚ ଉଚ୍ଚ ଡିଆଁ ପାଇଁ କେବଳ ନମ୍ବର ଦିଆଯିବ।

**୩. କ୍ରୁ.ସ. କଣ୍ଟ୍ରି-୫ କି.ମି.(ସର୍ବାଧିକ ମାର୍କ-୧୫)**

| | | |
|---|---|---|
| କ୍ରୁ.ସ. କଣ୍ଟ୍ରି-୫ କି.ମି. | ୨୦ ମିନିଟ୍ ଅବଧି ମଧ୍ୟରେ | ୧୫ ମାର୍କ |
| | ୨୩ ମିନିଟ୍ ଅବଧି ମଧ୍ୟରେ | ୧୦ ମାର୍କ |
| | ୨୫ ମିନିଟ୍ ଅବଧି ମଧ୍ୟରେ | ୦୫ ମାର୍କ |
| | ୨୫ ମିନିଟ୍ ଅବଧି ବାହାରେ | ଅଯୋଗ୍ୟ |

**୪. ସନ୍ତରଣ (୪୦ ମିଟର) (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା)**

| | | |
|---|---|---|
| ସନ୍ତରଣ (୪୦ ମିଟର) (ଯୋଗ୍ୟତା ଭିତ୍ତିକ) | ୮ ମିନିଟ୍ ଅବଧି ମଧ୍ୟରେ | ଯୋଗ୍ୟ |
| | ୮ ମିନିଟ୍ ଅବଧି ବାହାରେ | ଅଯୋଗ୍ୟ |

**୫.ଗାଡିଚାଳନା ପରୀକ୍ଷା -**

ପ୍ରାର୍ଥୀ ଯେଉଁ ସ୍ଥାନରେ ଶାରିରୀକ ମାପ ଓ ଦକ୍ଷତା ପରୀକ୍ଷା ଦେଇଥିବେ ସେହି ସ୍ଥାନରେ ଗାଡି ଚ଼ାଳନା ପରୀକ୍ଷା ଦେବେ । ଏହି ପରୀକ୍ଷା ଯୋଗ୍ୟତା ଭିତ୍ତିକ ଅଟେ ।

**୧୧) ଶିକ୍ଷାଗତ ଯୋଗ୍ୟତା- ମୋଟ ନମ୍ବର-୦୫**

ପ୍ରାର୍ଥୀ ହାଇସ୍କୁଲ ସାଟିଫିକେଟ ପରୀକ୍ଷାରେ ରଖିଥିବା %(ଶତକଡା)ମାର୍କକୁ ଭିତ୍ତି କରି ନିମ୍ନଲିଖିତ ନମ୍ବର ପ୍ରଦାନ କରାଯିବ।

| **ଶିକ୍ଷାଗତ ଯୋଗ୍ୟତା** | **ଶତକଡା(%)** | **ନମ୍ବର** |
|---|---|---|
| ହାଇସ୍କୁଲ ପରୀକ୍ଷାରେ ପାସ୍ ସାଟିଫିକେଟ୍ କିମ୍ବା ତତୁଲ୍ୟ ପରୀକ୍ଷାର ପାସ୍ ସାଟିଫିକେଟ୍ | ୬୧% ଓ ଅଧିକ | -୦୫ ନମ୍ବର |
| | ୫୧% ରୁ ୬୦% | -୦୩ ନମ୍ବର |
| | ୪୧% ରୁ ୫୦% | -୦୧ ନମ୍ବର |
| | କମ୍ପାର୍ଟମେଣ୍ଟାଲ/ ସପ୍ଲିମେଣ୍ଟାରି/ ୪୧%ରୁ କମ୍ ମାର୍କ | କୌଣସି ନମ୍ବର ଦିଆଯିବ ନାହିଁ |

**<u>ଦ୍ରଷ୍ଟବ୍ୟ:</u>** ହାଇସ୍କୁଲ ପରୀକ୍ଷାରେ ପ୍ରଥମ ସୁଯୋଗରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ହିଁ ନମ୍ବର ମିଳିବ। ଉଚ୍ଚତମ ଶିକ୍ଷାଗତ ଯୋଗ୍ୟତା ପାଇଁ କୌଣସି ନମ୍ବର ଦିଆଯିବ ନାହିଁ।

## ୧୨) କ୍ରୀଡା- ମୋଟ ନମ୍ବର-୧୫

କେବଳ ନିମ୍ନଲିଖିତ କ୍ରୀଡା କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ପ୍ରାର୍ଥୀମାନଙ୍କର ଯୋଗ୍ୟତା ମୂଲ୍ୟାୟନ କରାଯିବ।

| | |
|---|---|
| ୧. | ଆଥଲେଟିକ୍ସ |
| ୨. | ଆର୍ଚେରୀ |
| ୩. | ବ୍ୟାଡମିଣ୍ଟନ |
| ୪. | ବାସ୍କେଟବଲ |
| ୫. | ବଡିବିଲିଡିଂ |
| ୬. | ବକ୍ସିଂ |
| ୭. | କ୍ରିକେଟ |
| ୮. | ସାଇକ୍ଲିଂ |
| ୯. | ଇକ୍ୟୁଷ୍ଟ୍ରିୟାନ |

| | |
|---|---|
| ୧୦. | ଫୁଟବଲ |
| ୧୧. | ଜିମନାଷ୍ଟିକସ୍ |
| ୧୨. | ହକି |
| ୧୩. | ଜୁଡୋ |
| ୧୪. | କବାଡି |
| ୧୫. | କରାଟେ ଡୋ |
| ୧୬. | କାୟାକିଂ ଓ କ୍ୟାନୋଇଂ |
| ୧୭. | ଲନ୍ ଟେନିସ୍ |
| ୧୮. | ପାଓ୍ୱାର ଲିଫ୍ଟିଙ୍ଗ |

| | |
|---|---|
| ୧୯. | ରୋଇଙ୍ଗ |
| ୨୦. | ସୁଟିଙ୍ଗ |
| ୨୧. | ସୁଇମିଙ୍ଗ |
| ୨୨. | ଟେବୁଲ ଟେନିସ୍ |
| ୨୩. | ତାଇକେଣ୍ଡୋ |
| ୨୪. | ଭଲିବଲ |
| ୨୫. | ୱେଟ ଲିଫ୍ଟିଙ୍ଗ |
| ୨୬. | ରେସ୍ଲିଙ୍ଗ |

| | | |
|---|---|---|
| (କ) | ଓପନ୍ ଜାତୀୟ୍ ଚମ୍ପିୟାନସିପରେ | |
| | ଗୋଲ୍ଡ ମେଡାଲ ପାଇଁ | :୧୦ ନମ୍ବର |
| | ସିଲଭର ମେଡାଲ ପାଇଁ | :୦୭ ନମ୍ବର |
| | ବ୍ରୋଞ୍ଜ ମେଡାଲ ପାଇଁ | : ୦୫ ନମ୍ବର |
| (ଖ) | ଆନ୍ତର୍ଜାତୀୟ୍ କ୍ରୀଡାରେ ଦେଶ ପାଇଁ ପ୍ରତିନିଧିତ୍ୱ କରି ମେଡାଲ ପାଇଁ ନ ଥିଲେ | : ୧୦ ନମ୍ବର |
| (ଗ) | ଆନ୍ତର୍ଜାତୀୟ୍ କ୍ରୀଡାରେ | |
| | ଗୋଲଡ ମେଡାଲ ପାଇଁ | : ୧୫ ନମ୍ବର |
| | ସିଲଭର ମେଡାଲ ପାଇଁ | : ୧୪ ନମ୍ବର |
| | ବ୍ରୋଞ୍ଜ ମେଡାଲ ପାଇଁ | :୧୩ ନମ୍ବର |

<u>ଦ୍ରଷ୍ଟବ୍ୟ:</u> (୧) କେବଳ ଗୋଟିଏ କ୍ରୀଡା ଇଭେଣ୍ଟ ପାଇଁ ନମ୍ବର ଦିଆଯିବ।

(୨) ସବ୍ ଜୁନିୟ୍ର ଚମ୍ପିଆନସିପ୍ ପାଇଁ କୌଣସି ନମ୍ବର ଦିଆଯିବ ନାହିଁ।

(୩) ଯେଉଁ କ୍ଷେତ୍ରରେ କୌଣସି ମେଡାଲର ବ୍ୟବସ୍ଥା ନାହିଁ, ସେ କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ୍ ଓ ତୃତୀୟ୍ ସ୍ଥାନଗୁଡିକୁ ଯଥାକ୍ରମେ ଗୋଲ୍ଡ, ସିଲଭର ଓ ବ୍ରୋଞ୍ଜ ମେଡାଲ ରୂପେ ବିବେଚନା କରାଯିବ। ଏହି ସମ୍ବନ୍ଧରେ ସବିଶେଷ ବିବରଣୀ ଘରୋଇ ବିଭାଗ Notification No.4926/D&A dtd.20.2.2015ରେ ଉପଲବ୍ଧ ଅଟେ।

୧୩) **ଏନ୍.ସି.ସି. ସାଟିଫିକେଟ-ମୋଟ ନମ୍ବର-୦୫**

| | |
|---|---|
| ଏନ୍.ସି.ସି. 'A' ସାଟିଫିକେଟ୍ ପାଇଁ | ୦୧ ନମ୍ବର |
| ଏନ୍.ସି.ସି. 'B' ସାଟିଫିକେଟ୍ ପାଇଁ | ୦୩ ନମ୍ବର |
| ଏନ୍.ସି.ସି. 'C' ସାଟିଫିକେଟ୍ ପାଇଁ | ୦୫ ନମ୍ବର |

୧୪) **ଡାକ୍ତରୀ ପରୀକ୍ଷା**

ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରକ୍ରିୟାର ଶାରିରୀକ ଦକ୍ଷତା ପରୀକ୍ଷା ପୂର୍ବରୁ ଏକ ମେଡିକାଲ ବୋର୍ଡ ଦ୍ୱାରା ପରୀକ୍ଷା କରାଯିବ। ଆଣ୍ଠୁକୁ ଆଣ୍ଠୁ ବାଜିବା (Knock Knee),ଚଟକାପାଦ, (Flat foot)ଫୁଲିଥିବା ଗୋଡ ଧମନୀ(varicose vein),ଧନୁ ଭଳି ବଙ୍କା ଗୋଡ(bow leg),ଟେରା(squint in eye),ଖରାପ ଦୃଷ୍ଟି ଶକ୍ତି(poor vision),ରଙ୍ଗ ନ ଚିହ୍ନି ପାରିବା(colour blindness,flex finger), ଅନ୍ୟାନ୍ୟ ଶାରୀରିକ ଅକ୍ଷମତା କହିବା ଏବଂ ଶୁଣିବାରେ ବାଧା ଇତ୍ୟାଦି ଏହି ଡାକ୍ତରି ପରୀକ୍ଷାର ଅନ୍ତର୍ଭୁକ୍ତ ହେବ। ପ୍ରାର୍ଥୀଙ୍କର ଯଦି ଶରୀରର କୌଣସି ଉପରୋକ୍ତ ଅଙ୍ଗ କିମ୍ବା ଶାରୀରିକ ଅକ୍ଷମତା ଥାଏ ଏବଂ ପ୍ରାର୍ଥୀ ଡାକ୍ତରୀ ପରୀକ୍ଷାରେ ଅଯୋଗ୍ୟ ବିବେଚତି ହୁଅନ୍ତି, ତାଙ୍କୁ ଶାରିରୀକ ଦକ୍ଷତା ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯିବ ନାହିଁ।

୧୫)**ଲିଖିତ ପରୀକ୍ଷା-ମୋଟ ନମ୍ବର-୨୦**

(କ) ଏହି ପରୀକ୍ଷା ହାଇସ୍କୁଲ ସାଟିଫିକେଟ୍ ଷ୍ଟାଣ୍ଡାର୍ଡର କରାଯିବ।
(ଖ) ପରୀକ୍ଷା Optical Mark Reader(OMR) ପ୍ରଣାଳୀରେ କରାଯିବ।
(ଗ) ପ୍ରାର୍ଥୀମାନଙ୍କର ଲିଖିତ ପରୀକ୍ଷାର ଯୋଗ୍ୟତା ଭିତ୍ତିକ ନମ୍ବର **୦୮** ସ୍ଥିର ଅଛି।
(ଘ) ଲିଖିତ ପରୀକ୍ଷା ଗୋଟିଏ ଦିନରେ ଏବଂ ନିର୍ଦ୍ଦିଷ୍ଟ ସମୟରେ ଏକା ସାଙ୍ଗରେ ସମସ୍ତ ସ୍ଥାନରେ କରାଯିବ।
(ଙ) ଲିଖିତ ପରୀକ୍ଷାରେ ଅଂଶ ଗ୍ରହଣ କରିନଥିବା ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ।
(ଚ) ପ୍ରାର୍ଥୀ ଯେଉଁ ସ୍ଥାନରେ Physical Efficiency Test ଦେଇଥିବେ ସେହି ସ୍ଥାନରେ ଲିଖିତ ପରୀକ୍ଷା ଦେବେ ।

୧୬)ପ୍ରାର୍ଥୀ ନିମ୍ନ ଲିଖିତ ପ୍ରମାଣ ପତ୍ର ଗୁଡିକର ନକଲ ଅନ୍‌ଲାଇନ୍‌ଦରଖାସ୍ତ ଆବେଦନ ସମୟରେ ଅପଲୋଡ୍ କରିବେ । ଏହି ନକଲଗୁଡିକ ପ୍ରାର୍ଥଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ଓ ତାରିଖ ସହ ଅନୁପ୍ରମାଣିତ (Self attested) ହୋଇଥିବା ଆବଶ୍ୟକ। ପ୍ରାର୍ଥୀଙ୍କ ଦ୍ୱାରା ଅନୁପ୍ରମାଣିତ ପ୍ରମାଣପତ୍ରର ନକଲ ଉକ୍ତ ପ୍ରମାଣ ପତ୍ର ସମ୍ପୃକ୍ତ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବାର ଚୁଡାନ୍ତ ପ୍ରମାଣ ବୋଲି ଗ୍ରହଣ କରାଯିବ।

୧. ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର (ହାଇସ୍କୁଲ)ସାଟିଫିକେଟ୍ କିମ୍ବା ତତ୍ତୁଲ୍ୟ)
୨. ଶିକ୍ଷାଗତ ଯୋଗ୍ୟତା(ହାଇସ୍କୁଲ ସାଟିଫକେଟ୍ ପରୀକ୍ଷା ଓ ତତ୍ତୁଲ୍ୟ)

୩. ହାଇସ୍କୁଲ ସାର୍ଟିଫିକେଟର ମାର୍କସିଟ୍‌ର ନକଲ

୪. ଜାତିଗତ ପ୍ରମାଣ ପତ୍ର(କେବଳ ତଫସିଲଭୁକ୍ତ ଜାତି/ଜନଜାତି/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରଯୁଜ୍ୟ

୫. ନାମ ପଞ୍ଜିକରଣ ପ୍ରମାଣ ପତ୍ର

୬. କ୍ରୀଡା ପ୍ରମାଣ ପତ୍ର(କେବଳ ଅନୁଚ୍ଛେଦ ୧୨ ରେ ଉଦ୍ଦିଷ୍ଟ ଥିବା କ୍ରୀଡା ନିମନ୍ତେ)

୭. ଏନ୍.ସି.ସି. ସାର୍ଟିଫିକେଟ(ଏନ୍.ସି.ସି. ସାର୍ଟିଫିକେଟ )ପ୍ରାପ୍ତ ପ୍ରାର୍ଥୀଙ୍କ ପାଇଁ

୮. ଗାଡି ଚାଳନା ଲାଇସେନ୍‌ସ ପ୍ରମାଣ ପତ୍ର

୯. ଡିସଚାର୍ଜ ପ୍ରମାଣ ପତ୍ର(ଅବସର ପ୍ରାପ୍ତ ସାମରିକ କର୍ମଚାରୀ ହୋଇଥିଲେ)

୧୦. ଅନଲାଇନ୍ ଆବେଦନ ସମୟରେ ନିଜର ପାର୍ସପୋର୍ଟ ସାଇଜର ରଙ୍ଗିନ ଫଟୋଗ୍ରାଫ ନିର୍ଦ୍ଧାରିତ ସ୍ଥାନରେ ଅପଲୋଡ କରିବେ।

## ୧୭. କିପରି ଆବେଦନ କରିବେ

ଏହି ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀମାନେ **http://oprecruitment.in** ରେ କିମ୍ବା ନିକଟସ୍ଥ କମନ୍ ସର୍ଭିସ ସେଣ୍ଟର (ଜନ ସେବା କେନ୍ଦ୍ର) ଯାଇ ଆବେଦନ କରିପାରିବେ । ଉକ୍ତ ପଦବୀ ପାଇଁ ଅନ୍‌ଲାଇନ୍‌ରେ ଆବେଦନ ସମ୍ବନ୍ଧୀୟ ଅଧିକ ସୂଚନା ସମ୍ପର୍କୀତ ବିଜ୍ଞାପନ କିମ୍ବା ଉପକ୍ରମ କମ୍ପ୍ୟୁଟର ପରଦାରୁ ନିମ୍ନରେ ଦିଆଯାଇଥିବା ବିସ୍ତୃତ ନିର୍ଦ୍ଦେଶନାମା ଦେଖିପାରିବେ । ଆବେଦନ ପୂର୍ବରୁ ପ୍ରାର୍ଥୀ ଭଲ ଭାବରେ ଏହି ନିର୍ଦ୍ଦେଶନାମା ପଢି ପଞ୍ଜିକରଣ ପୃଷ୍ଠା ଏବଂ ଅନ୍‌ଲାଇନ ଆବେଦନ ଫର୍ମ ପୂରଣ କରିବେ । **ଓଡିଶାର ସମସ୍ତ କମନ୍ ସର୍ଭିସ୍ ସେଣ୍ଟର(ଜନ ସେବା କେନ୍ଦ୍ର)ର ବିବରଣୀ ୱେବସାଇଟରୁ ମିଳି ପାରିବ** ।

## ୧୭-(୧)- ପଞ୍ଜିକରଣ ଓ ଅନ୍‌ଲାଇନ୍ ଦରଖାସ୍ତ ପାଇଁ ଆବଶ୍ୟକୀୟ ସୂଚନା

(କ)- କେବଳ ଅଣସଂରକ୍ଷିତ**(UR)**ବର୍ଗର ପ୍ରାର୍ଥୀ ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା ଶୁଳ୍କ ବାବଦକୁ ୧୫୦ ଟଙ୍କା (ଏକ ଶତ ପଚାଶ ଟଙ୍କା) ମାତ୍ର ପୈଠ କରିବେ ।

(ଖ)- ସମସ୍ତ ବର୍ଗର ପ୍ରାର୍ଥୀମାନେ ଅନଲାଇନ୍ ଫର୍ମ ବାବଦକୁ ଟ.୩୦.୦୦(ତିରିଶି ଟଙ୍କା) ପୈଠ କରିବେ।

(ଗ)- ଆବେଦନକାରୀଙ୍କ ପୂର୍ଣ୍ଣ ଦସ୍ତଖତ ସ୍କାନ ହୋଇ "jpg" ଭାବରେ ୨୦୦ kb ମଧ୍ୟରେ ହୋଇଥିବା ଆବଶ୍ୟକ, ଯାହା ଫଳରେ ଖୁବ୍ ସହଜରେ ଏହି ପଦବୀ ପାଇଁ ନାମ ପଞ୍ଜିକରଣ ସମୟରେ ଅପଲୋଡ କରିହେବ ।

(ଘ)- ଅନ୍‌ଲାଇନ ଆବେଦନ ସମୟରେ ଶିକ୍ଷାଗତ ଯୋଗ୍ୟତାର ବିସ୍ତୃତ ବିବରଣୀ ପୂରଣ ପାଇଁ ପ୍ରାର୍ଥୀ ନିଜର ଶିକ୍ଷା ଓ ଅନ୍ୟ ପ୍ରମାଣ ପତ୍ର, ମାର୍କଲିଷ୍ଟ ଆଦି ପ୍ରସ୍ତୁତ ରଖିବା ଆବଶ୍ୟକ ।

(ଙ)-  ଏଥି ସହିତ ବର୍ତ୍ତମାନର ପାସ୍‌ପୋର୍ଟ ସାଇଜ ର ଫଟୋ, ଯାହା ସ୍କାନ ହୋଇ "jpg" ଭାବରେ ୨୦୦kb ମଧ୍ୟରେ ହୋଇଥିବା ଆବଶ୍ୟକ, ଯାହାଫଳରେ ଅନ୍‌ଲାଇନ୍ ଫର୍ମ ପୂରଣ ସମୟ୍ୱରେ ଖୁବ୍ ସହଜରେ ଅପଲୋଡ କରିହେବ ।

(ଚ)-  ଅନ୍‌ଲାଇନ୍ ଫର୍ମ ପୂରଣ ବେଳେ ଅପଲୋଡ ପାଇଁ ସ୍କାନ ହୋଇଥିବା ଫଟୋ ଓ ପୂର୍ଣ୍ଣ ଦସ୍ତଖତର ନମୁନା ଅତି ସ୍ୱଷ୍ଟ ଚିହ୍ନିତ / ଦେଖାଯାଉଥିବା ଆବଶ୍ୟକ ନତୁବା ପଞ୍ଜିକରଣ ଓ ଆବେଦନ ପତ୍ର ନାକଚ କରାଯିବ, ଏ ସମ୍ପର୍କରେ କୌଣସି ଯୋଗାଯୋଗ କରାଯିବ ନାହିଁ ।

(ଛ)-  ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ପର୍ଯ୍ୟନ୍ତ ଏହା ସମ୍ପର୍କୀତ ଯୋଗାଯୋଗ ଯଥା **http://oprecruitment.in** ରେ ନିଜର ସକ୍ରିୟତା ସଂକେତ  (Activation Key), ବିଭିନ୍ନ ସତର୍କ ସୂଚନା, ଇ-ପାସ୍ ଡାଉନ୍‌ଲୋଡ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଁ ଆବେଦନକାରୀଙ୍କ ନିଜସ୍ୱ ସକ୍ରିୟ୍ ବା କାର୍ଯ୍ୟକ୍ଷମ ଥିବା ଇମେଲ ଆଇଡି ଓ ମୋବାଇଲ୍ ନମ୍ବର ନିଶ୍ଚିତ ଭାବରେ ରହିବା ଆବଶ୍ୟକ । ଯେକୌଣସି ପରିସ୍ଥିତିରେ ଆବେଦନକାରୀ ନିଜର ଇମେଲ ଆଇଡି ଏବଂ ମୋବାଇଲ୍ ନମ୍ବର ଅନ୍ୟ କାହାକୁ ଜଣାଇବେ ନାହିଁ । ଯଦି ପ୍ରାର୍ଥୀର ନିଜସ୍ୱ ସଚଳ ଇମେଲ ଆଇଡି ନ ଥାଏ, ତେବେ ଅନ୍‌ଲାଇନ୍‌ରେ ଆବେଦନ ପାଇଁ ନୂଆ ଇମେଲ୍ ଆଇଡି ତିଆରି କରିବେ ।

(ଜ)-  ଆବେଦନକାରୀ ଗୋଟିଏ ୟୁଜର ନେମ୍ ଓ ପାସଓ୍ୱାର୍ଡ ବ୍ୟବହାର କରି  ଓ୍ୱେବସାଇଟ୍ ଖୋଲିବେ ଏବଂ ଏହାରି ମାଧ୍ୟମରେ ଆଗାମୀ ସୂଚନା, ଇ-ପାସ, ଆଡମିଟ୍ କାର୍ଡ, ଘୋସିତ ମାର୍କ କିମ୍ବା ସମସ୍ତ ବିବରଣୀ / ବିଜ୍ଞପ୍ତି ଯାହା କେବଳ ଅନଲାଇନ୍‌ରେ ମିଳିପାରିବ, ସେ ସବୁର ବିସ୍ତୃତ ସୂଚନା ଇତ୍ୟାଦି ଦେଖିପାରିବେ । ଅନ୍‌ଲାଇନ୍ ବ୍ୟତୀତ ଅନ୍ୟ କୌଣସି ସାଧନ ବା ମାଧ୍ୟମରେ ଯୋଗାଯୋଗ କରାଯିବ ନାହିଁ ।

**୧୬-(୨)ଅନ୍‌ଲାଇନ୍‌ରେ ପଞ୍ଜିକରଣ ଓ ଆବେଦନ ପାଇଁ ନିର୍ଦ୍ଦେଶାବଳୀ :-**

(କ)  ନିଜର ସୁବିଧା ଅନୁସାରେ Firefox, Internet Explorer କିମ୍ବା ଯେକୌଣସି ବ୍ରାଉଜର ମାଧ୍ୟମରେ **http://oprecruitment.in** ଟାଇପ୍ କରି ଏହି ଓ୍ୱେବସାଇଟର ମୂଳ ପୃଷ୍ଠା ଖୋଲନ୍ତୁ ।

(ଖ)  ଆବେଦନ ପତ୍ର ଇଂରାଜି ଭାଷାରେ ରହିଛି ।

(ଗ)  ଆବେଦନକାରୀ ସିଧାସଳଖ ମୂଳ ପୃଷ୍ଠାର ସଂଯୋଗ **"ମୋଟର ଗାଡି ଚାଳକ (DRIVER) ନିଯୁକ୍ତି ପାଇଁ ଆବେଦନ "** ମାଧ୍ୟମରେ ଆବେଦନ କରିପାରିବେ ।

(ଘ)  ଆଧାର କାର୍ଡରେ ଥିବା ପ୍ରାର୍ଥୀଙ୍କ ବିସ୍ତୃତ ତଥ୍ୟ ସଂଯୁକ୍ତ କରିବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରୁଥିବା ବେଳେ ପ୍ରାର୍ଥୀ ନିଜର ଆଧାର କାର୍ଡ ନମ୍ବର ପ୍ରଦାନ କରିବେ । କୌଣସି କାରଣରୁ ଯଦି ଆଧାର କାର୍ଡ ନ ଥାଏ, ତେବେ ପ୍ରାର୍ଥୀ ସାଧାରଣ ଭାବରେ ଫର୍ମ ପୂରଣ କରିପାରିବେ ।

(ଙ) ଆବେଦନକାରୀ ଫର୍ମରେ ବାଧ୍ୟତାମୂଳକ ଥିବା ତଥ୍ୟ (ଫଟୋ ଓ ଦସ୍ତଖତ ସ୍ୱାକ୍ଷର) ପୂରଣ କରିବା ପରେ ଆଗକୁ ଯିବା ପାଇଁ ପରବର୍ତ୍ତୀ ପୃଷ୍ଠାକୁ କ୍ଲିକ୍ କରିବେ ।

(ଚ) ଆବେଦନକାରୀ ବାଧ୍ୟତାମୂଳକ ଥିବା ସମସ୍ତ ତଥ୍ୟ / ପ୍ରମାଣ ପତ୍ରର ସ୍କାନ କରି ଅପ୍‌ଲୋଡ କରିବା ପରେ "ଦାଖଲ ହେଲା"(submit button) କୁ କ୍ଲିକ୍ କରନ୍ତୁ । ଏହା ପୂର୍ବରୁ ନିଶ୍ଚିତ ହୁଅନ୍ତୁ ଯେ, ଅପଲୋଡ ପାଇଁ ସ୍କାନ ହୋଇଥିବା ଫଟୋ ଓ ପୂର୍ଣ୍ଣ ଦସ୍ତଖତର ନମୂନା ଅତି ସ୍ପଷ୍ଟ ଚିହ୍ନିତ / ଦେଖାଯାଉଛି । ତାହା ହୋଇ ନ ଥିଲେ ପଞ୍ଜିକରଣ ଓ ଆବେଦନ ପତ୍ର ନାକଚ କରାଯିବ ।

(ଛ) ଆବେଦନକାରୀ "ଅନ୍‌ଲାଇନ" କିମ୍ବା ଡେବିଟ୍ କାର୍ଡ / ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପ୍ରଦାନ କରିଥିବା " ନେଟ୍ ବ୍ୟାଙ୍କିଙ୍ଗ " ସୁବିଧା ମାଧ୍ୟମରେ କିମ୍ବା  କମନ୍ ସର୍ଭିସ ସେଣ୍ଟର କିମ୍ବା ଅଫ୍‌ଲାଇନ ଭାବରେ ସିଧାସଳଖ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଜରିଆରେ ପରୀକ୍ଷା ଦେୟ ୧୫୦ ଟଙ୍କା ପୈଠ କରିପାରିବେ ।

(ଜ) ଅନ୍‌ଲାଇନ୍ ପୈଠ ସଫଳ ରୂପେ ସମ୍ପୁର୍ଣ୍ଣ ହେବା ପରେ ପ୍ରାପ୍ତି ସ୍ୱୀକାର ଭାବରେ ଏକ ରସିଦ୍ ମିଳିବ, ଯାହା ପରବର୍ତ୍ତୀ ସହାୟତା ପାଇଁ ବିଶେଷ ଉପଯୋଗୀ ହେବ ।

## ପ୍ରାର୍ଥୀମାନେ ନିମ୍ନଲିଖିତ ବିଷୟରେ  ବିଶେଷ ଧ୍ୟାନ ଦେବେ

୧. ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣ ଇଂରାଜୀରେ ପୂରଣ କରିବେ ଏବଂ ଇଂରାଜୀରେ ସମ୍ପୂର୍ଣ୍ଣ ସ୍ୱାକ୍ଷର କରିବେ। ଦରଖାସ୍ତ ଫର୍ମର କୌଣସି ସ୍ତମ୍ଭ ଛାଡିବେ ନାହିଁ କିମ୍ବା ଛକି ମାରିବେ ନାହିଁ। ଦରଖାସ୍ତ ଫର୍ମରେ ଉଦ୍ଦିଷ୍ଟ ଥିବା ପ୍ରଶ୍ନଗୁଡିକର ଠିକ୍ ଉତ୍ତର ଦେବ। ଉଦାହରଣ ସ୍ୱରୂପ ଆବେଦନ ଫର୍ମର କ୍ରମିକ ସଂଖ୍ୟା-୧୯ରେ ଦର୍ଶାଯାଇଛିଯେ, "**ପ୍ରାର୍ଥୀ କୌଣସି ଫୌଜଦାରୀ ମୋକଦ୍ଦମାରେ ସମ୍ପୃକ୍ତି କି ?**" ଏହାର ଉତ୍ତର ଏହିପରି ହେବ, "**ଯଦି କୌଣସି ଫୌଜଦାରୀ ମୋକଦ୍ଦମାରେ ସମ୍ପୃକ୍ତ**-ତେବେ"'ହିଁ' ବୋଲି ଲେଖିବେ, **ଯଦି ସମ୍ପୃକ୍ତ ନୁହଁନ୍ତି** ତେବେ, '**ନାହିଁ**' ବୋଲି ଲେଖିବେ ଏବଂ ଆବେଦେନ ଫର୍ମର କ୍ରମିକ ସଂଖ୍ୟା-୧୯ରେ ଦର୍ଶାଯାଇଥିବା ପରବର୍ତ୍ତୀ ପ୍ରଶ୍ନ ଯଥା- ଯଦି କୌଣସି ଫୌଜଦାରୀ ମୋକଦ୍ଦମାରେ ସମ୍ପୃକ୍ତ କିମ୍ବା ଦଣ୍ଡିତ ହୋଇଥାନ୍ତି, ତା ହେଲେ ତତ୍ ସମ୍ପର୍କୀୟ ବିଶଦ୍ ବିବରଣୀ ଏହାର ଉତ୍ତର ତଦନୁଯାୟୀ ପ୍ରଦାନ କରିବେ କିମ୍ବା ଅନାବଶ୍ୟକ ଲେଖିବେ।

୨. ସର୍ବପ୍ରଥମ ସମ୍ବାଦପତ୍ର ବା ନିଯୁକ୍ତି ସୂଚନାରେ ମୋଟର ଗାଡି ଚାଳକ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ପ୍ରାର୍ଥୀମାନଙ୍କର ନାମ କର୍ମଯୋଗାଣ କେନ୍ଦ୍ରମାନଙ୍କରେ ପଞ୍ଜିକରଣ ହୋଇଥିବା ଆବଶ୍ୟକ ଏବଂ ଏହାକୁ ମୂଳ ତାରିଖ ବୋଲି ଧରାଯିବ। ଦରଖାସ୍ତ ଦାଖଲ ତାରିଖ ସୁଦ୍ଧା ପ୍ରାର୍ଥୀଙ୍କର ନାମ ପଞ୍ଜିକରଣ ବୈଧ ଥିବା ଆବଶ୍ୟକ।

୩. ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କ ପାଇଁ ଶାରୀରିକ ପରୀକ୍ଷାରେ କୌଣସି ରିହାତି ପ୍ରଦାନ କରାଯିବ ନାହିଁ।

୪. ମାଧ୍ୟମିକ ଶିକ୍ଷା ବୋର୍ଡ ବ୍ୟତୀତ ପ୍ରାର୍ଥୀ ଯଦି ଅନ୍ୟ କୌଣସି ବୋର୍ଡ ବା ଅନୁଷ୍ଠାନରୁ ହାଇସ୍କୁଲ ସାଟିଫିକେଟ ବା ତତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି,ତେବେ ସେମାନେ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡଙ୍କଠାରୁ ସମତୁଲ୍ୟ ସାଟିଫିକେଟ( Equivalent Certificate) ର ନକଲ ସଂଲଗ୍ନ କରିବେ।

୫. କ୍ରୀଡାବିତମାନେ ଅପଲୋଡ କରିଥିବା କ୍ରୀଡା ସାର୍ଟିଫିକେଟ ବୈଧତା ପ୍ରାମଣିତ ହେବାପରେ ସୋମନଙ୍କୁ ସାଟିଫିକେଟର ମାନ୍ୟତା ଅନୁଯାୟୀ ନମ୍ବର ଦିଆଯିବ। ଏତଦ୍‌ବ୍ୟତୀତ କ୍ରୀଡା କ୍ଷେତ୍ରରେ ନମ୍ବର ପାଇବା ପୂର୍ବରୁ ଯଦି ପ୍ରାର୍ଥୀ ଉତ୍ତୀର୍ଣ୍ଣ ତାଲିକାଭୁକ୍ତ ହୋଇଥାନ୍ତି, ତେବେ ତାଙ୍କୁ ନିଯୁକ୍ତି ଦିଆଯିବ ଏବଂ ପରେ କ୍ରୀଡା ସାଟିଫିକେଟର ବୈଧତା ପ୍ରମାଣିତ ହେଲେ, ପ୍ରାର୍ଥୀଙ୍କୁ ଯଥୋଚିତ ନମ୍ବର ଦିଆଯିବ ଏବଂ ଉତ୍ତୀର୍ଣ୍ଣ ତାଲିକାରେ ତାଙ୍କୁ ନମ୍ବର ଭିତିରେ ସ୍ଥାନ ଦିଆଯିବ।

୬. ନିଯୁକ୍ତି ପରେ ପ୍ରାର୍ଥୀମାନଙ୍କୁ ଓଡିଶାର ଯେକୌଣସି ସ୍ଥାନରେ କାର୍ଯ୍ୟ କରିବା ନିମନ୍ତେ ମୁତୟନ କରାଯାଇ ପାରେ।

## ୧୬. (୩) ପରୀକ୍ଷା ସ୍ଥାନ ଓ ତାରିଖ ।

ନିର୍ଦ୍ଧାରିତ ସମୟ ଭିତରେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ଶାରୀରିକ ମାପ / ଶାରିରୀକ ଦକ୍ଷତା ପରୀକ୍ଷା ଓ ଲିଖିତ ପରୀକ୍ଷାର ତାରିଖ / ସମୟ / ନିର୍ଦ୍ଧାରିତ ସ୍ଥାନର ସୂଚନା ଅନ୍‌ଲାଇନ୍ ଦ୍ୱାରା ପ୍ରେରିତ ଇ-ପାସ୍ ମାଧ୍ୟମରେ ଜଣାଇ ଦିଆଯିବ । ଯୋଗ୍ୟ ବିବେଚିତ ପ୍ରାର୍ଥୀ ୱେବସାଇଟ୍ **http://oprecruitment.in** ରୁ ନିଜର ବ୍ୟବହାରିକ ନାମ ଓ ପାସ୍‌ୱାର୍ଡ ମାଧ୍ୟମରେ ସୂଚୀତ ନିର୍ଦ୍ଧିଷ୍ଟ ସମୟସୀମା ଭିତରେ ଉକ୍ତ ପ୍ରବେଶପତ୍ର ଡାଉନ୍‌ଲୋଡ କରି ସଂଗ୍ରହ କରିବେ । ଏହି ପରୀକ୍ଷାରେ ଅଂଶ ଗ୍ରହଣ ପାଇଁ ଅନୁମତି / ବିନାନୁମତି ପ୍ରାର୍ଥୀ ତାଲିକା ସମତାଳରେ ସେହି ତାରିଖରେ ଉକ୍ତ ୱେବସାଇଟ୍‌ରେ ପ୍ରକାଶ ପାଇବ । ପ୍ରାର୍ଥୀ ମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ସିଲେକ୍‌ସନ ବୋର୍ଡ ପକ୍ଷରୁ ସ୍ଥାନୀୟ ଦୈନିକ ଖବର କାଗଜରେ ପ୍ରକାଶ ପାଉଥିବା ଏହି ପରୀକ୍ଷାର ବିଭିନ୍ନ କାର୍ଯ୍ୟକ୍ରମର ବିଷୟରେ ଜାଣିବା ପାଇଁ ସେମାନେ ପ୍ରତ୍ୟହ ବା ସମୟାନ୍ତରାଳରେ **http://oprecruitment.in** ୱେବସାଇଟରେ ସ୍ଥାନୀୟ ବିଭିନ୍ନ ବିଜ୍ଞାପନକୁ ତନଖି କରିବେ ।

## ୧୬.(୪) ଇ-ପାସ୍ ।

ଶାରିରୀକ ମାପ / ଶାରିରୀକ ଦକ୍ଷତା ପରୀକ୍ଷା / ଲିଖିତ ପରୀକ୍ଷାର ତାରିଖ, ସମୟ ଓ ନିର୍ଦ୍ଧାରିତ ସ୍ଥାନର ସୂଚନା ସହିତ ଯୋଗ୍ୟ ପ୍ରାର୍ଥୀର ନମୂନା ଦସ୍ତଖତ ଓ ଫଟୋ ସ୍କାନ କପି ଏବଂ ସିଲେକ୍‌ସନ ବୋର୍ଡ ଅଧ୍ୟକ୍ଷକଙ୍କ ନମୁନା ସ୍ୱାକ୍ଷର ଥିବା ଇ-ପାସ୍‌କୁ **http://oprecruitment.in** ୱେବସାଇଟ୍‌ରୁ ପ୍ରାର୍ଥୀ ପରୀକ୍ଷା ତାରିଖ ପୂର୍ବରୁ ଡାଉନ୍‌ଲୋଡ କରିବେ । ପ୍ରତ୍ୟେକ ଯୋଗ୍ୟ ବିବେଚିତ ପ୍ରାର୍ଥୀ ପରୀକ୍ଷା ତାରିଖ ପୂର୍ବରୁ ଉକ୍ତ ୱେବସାଇଟ୍‌ର ସବମେନ୍ୟୁରୁ "ଅନ୍‌ଲାଇନ୍ ଇ-ପାସ୍" କୁ କ୍ଲିକ୍ କରି ଇ-ପାସ୍ ଡାଉନଲୋଡ କରିବେ । ଅଧିକ ସୂଚନା ପାଇଁ ପ୍ରାର୍ଥୀ ଫର୍ମରେ ଉଲ୍ଲେଖ କରିଥିବା ମୋବାଇଲ ନମ୍ବରରେ ସଂକ୍ଷିପ୍ତ ସୂଚନା ଦିଆଯିବ । ସିଲେକ୍‌ସନ ବୋର୍ଡ ପକ୍ଷରୁ ପରୀକ୍ଷା ପାଇଁ କୌଣସି ମୁଦ୍ରିତ ପ୍ରବେଶ ପତ୍ର ପ୍ରାର୍ଥୀ ନିକଟକୁ ପଠାଯିବ ନାହିଁ ।

୧୮. **ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା**

ଏତଦ୍ ଦ୍ୱାରା ସମସ୍ତ ପ୍ରାର୍ଥମାନଙ୍କୁ ଜଣାଇ ଦିଆ ଯାଉଅଛିକି ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ ହୋଇଥିବା ଶିକ୍ଷାଗତ ତଥା ଅନ୍ୟାନ୍ୟ ଯୋଗ୍ୟତା ଭିତ୍ତିକ ପ୍ରମାଣ ପତ୍ର ଯାଞ୍ଚ ସମୟରେ ଯଦି ଅସତ୍ୟ ବୋଲି ପ୍ରାମଣିତ ହୁଏ ତେବେ ସେହି ପ୍ରାର୍ଥୀଙ୍କ ବିରୁଦ୍ଧରେ ମକଦ୍ଦମା ରଜୁ କରାଯିବା ସହିତ ପ୍ରାର୍ଥୀ ପତ୍ର ନାକଚ କରାଯିବ।

ଯଦି କୌଣସି ପ୍ରାର୍ଥୀ ଅସତ୍ ଉପାୟ ଅବଲମ୍ବନ ପୂର୍ବକ ଗୃକିରୀରେ ନିଜର ଯୋଗ୍ୟତା ହାସଲ କରିବା ପାଇଁ ପ୍ରୟାସ କରିବେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଯଦି କୌଣସି ମଧ୍ୟସ୍ଥି ପ୍ରାର୍ଥୀମାନଙ୍କ ଠାରୁ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ଅସାଧୁ ଉପାୟରେ ଆର୍ଥୀକ ଲାଭ ଓ ଲାଞ୍ଚ ଗ୍ରହଣ କରିଥିବାର ଦୃଷ୍ଟିକୁ ଆସେ, ତେବେ ସେହି ବ୍ୟକ୍ତି ତଥା ଲାଞ୍ଚ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରାର୍ଥୀମାନଙ୍କୁ ସୂଚାଇ ଦିଆଯାଉଅଛିଯେ ମୋଟର ଗାଡି ଚାଳକ( Driver)ନିଯୁକ୍ତି ପରୀକ୍ଷା ପାଇଁ ସେମାନେ ଆବେଦନ କରିବା ସମୟରେ ଅଧିକ ବିବରଣୀ ଓଡିଶା ସରକାରଙ୍କ ଗୃହ ବିଭାଗ Notification No.42926(M)/D&A dtd.20.02.2015 ଏବଂ No.31833/D&A dtd.24.07.2018 ୱେବସାଇଟ www.odishapolice.gov.in ରେ ପାଇ ପାରିବେ।

**ଅଧ୍ୟକ୍ଷ**
**ସିଲେକସ୍ନ ବୋର୍ଡ।**

*******